# NATIONAL NEWS BULLETIN (ODIA)

**19 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ତିନି ଆଫ୍ରିକୀୟ ରାଷ୍ଟ୍ର ଗସ୍ତ ଶେଷ କରି ଆଜି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ରାଷ୍ଟ୍ରପତି ।
- ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାଲାଗି ଆସନ୍ତା ୨୨ ତାରିଖରୁ ଦୁଇଦିନିଆ ରୁଷ୍ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ଜାମ୍ମୁ କାଶ୍ମୀର ବିଧାନସଭାର ଅସ୍ଥାୟୀ ବାଚସ୍ପତି ଭାବେ ଶପଥ ନେଲେ ନ୍ୟାସନାଲ କନ୍‌ଫରେନ୍ସର ବରିଷ୍ଠ ନେତା ମୁବାରକ ଗୁଲ୍ ।
- ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଆସନ ବୁଝାମଣା ନେଇ ଇଣ୍ଡିମେଣ୍ଟର ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଚାଲିଛି ଆଲୋଚନା ।

ଏବଂ

- ବେଙ୍ଗାଲୁରୁ ଟେଷ୍ଟର ଚତୁର୍ଥ ଦିନର ଖେଳ ବର୍ଷା ଯୋଗୁଁ ବାଧାପ୍ରାପ୍ତ ।

- ଭାରତ ଦ୍ୱିତୀୟ ଇନିଂସ୍‌ରେ ଏପର୍ଯ୍ୟନ୍ତ ୩ ୱିକେଟ୍ ବିନିମୟରେ ସଂଗ୍ରହ କରିଛି ୩୪୪ ରନ୍ ।

# ପ୍ରେସିଡେଣ୍ଟ-ମାଲଦ୍ୱୀ

ତିନି ଆଫ୍ରିକୀୟ ରାଷ୍ଟ୍ର ଗସ୍ତର ଶେଷ ପର୍ଯ୍ୟାୟରେ ମାଲଦ୍ୱୀଠାରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ । ଏ ସମ୍ପର୍କରେ ସୂଚନା ଦେଇ ଆକାଶବାଣୀ ପ୍ରତିନିଧି କହିଛନ୍ତି ତିନି ଆଫ୍ରିକୀୟ ରାଷ୍ଟ୍ର ଆଲ୍‌ଜେରିଆ, ମୌରିଟାନିଆ ଏବଂ ମାଲଦ୍ୱୀକୁ ରାଷ୍ଟ୍ରପତିଙ୍କ ଗସ୍ତ ଭାରତର ଆଫ୍ରିକୀୟ ଦେଶଗୁଡ଼ିକ ସହ ଐତିହାସିକ ସମ୍ପର୍କରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଭାରତର ଅଧ୍ୟକ୍ଷତା ସମୟରେ ଜି-୨୦ର ସ୍ଥାୟୀ ସଦସ୍ୟ ଭାବେ ଆଫ୍ରିକୀୟ ସଂଘକୁ ସାମିଲ କରାଯିବାର ବର୍ଷକ ପରେ ରାଷ୍ଟ୍ରପତିଙ୍କର ଏହି ଗସ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଗ୍ରହଣ କରାଯାଇଛି । ସପ୍ତାହେ ବ୍ୟାପୀ ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ୩ଟିଯାକ ଦେଶର ଶୀର୍ଷ ନେତୃତ୍ୱଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିଛନ୍ତି । ପ୍ରବାସୀ ଭାରତୀୟଙ୍କ ସହ ମଧ୍ୟ ରାଷ୍ଟ୍ରପତି ମତ ବିନିମୟ କରିଛନ୍ତି । ଆଫ୍ରିକୀୟ ଦେଶଗୁଡ଼ିକ ସହିତ ଭାରତରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ରାଷ୍ଟ୍ରପତିଙ୍କର ଗସ୍ତର ଉଦ୍ଦେଶ୍ୟ ଥିଲା ବୋଲି ଆମ ସମ୍ବାଦଦାତା କହିଛନ୍ତି ।

## ପ୍ରଧାନମନ୍ତ୍ରୀ-ବ୍ରିକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ଆସନ୍ତା ୨୨ ତାରିଖରୁ ଦୁଇ ଦିନ ଲାଗି ରୁଷ ଗସ୍ତ କରିବେ । କାଜାନ୍ ଠାରେ ବ୍ରାଜିଲ୍, ରୁଷ, ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଅନୁଷ୍ଠିତ ହେବାକୁ ଥିବା ଷୋଡ଼ଶ ବ୍ରିକ୍ସ ସମ୍ମିଳନୀର ଚଳିତଥରର ବିଷୟବସ୍ତୁ ରହିଛି – "ବିଶ୍ୱ ବିକାଶ ଓ ନିରାପତ୍ତା ଲାଗି ବହୁପକ୍ଷୀୟବାଦର ସଶକ୍ତିକରଣ" । ବ୍ରିକ୍ସ ନେତୃବୃନ୍ଦଙ୍କୁ ବିଭିନ୍ନ ବୈଶ୍ୱିକ ସମସ୍ୟାର ସମାଧାନ ଲାଗି ସୁଚିନ୍ତିତ ମତ ବିନିମୟ କରିବା ଦିଗରେ ଏହି ସମ୍ମିଳନୀ ସହାୟକ ହେବ । ସେହିଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆପୋଷ ସହାୟତା ସହିତ ପୂର୍ବରୁ ବ୍ରିକ୍ସ ପକ୍ଷରୁ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ଗୁଡ଼ିକର କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ମଧ୍ୟ ଏହି ବୈଠକରେ ସମୀକ୍ଷା କରାଯିବାର ସମ୍ଭାବନା ରହିଛି ।

## ଇଡି ବିହାର

ଆର୍ଥିକ ଅନିୟମିତତା ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବିହାରର ବରିଷ୍ଠ ଆଇଏଏସ୍ ଅଧିକାରୀ ସଞ୍ଜୀବ ହଂସ ଏବଂ ରାଷ୍ଟ୍ରୀୟ ଜନତା ଦଳର ପୂର୍ବତନ ବିଧାୟକ ଗୁଲାବ ଯାଦବଙ୍କୁ ଗିରଫ କରିଛି । ଶ୍ରୀ ହଂସଙ୍କୁ ପାଟନାସ୍ଥିତ ତାଙ୍କ ସରକାରୀ ବାସଭବନରୁ ଏବଂ ଶ୍ରୀ ଯାଦବଙ୍କୁ ଗତ

ସଂଧ୍ୟାରେ ଦିଲ୍ଲୀରୁ ଗିରଫ କରାଯାଇଛି । ଏହି ମାମଲା ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀମାନେ ପୂର୍ବରୁ ପାଟନା ଏବଂ ଦିଲ୍ଲୀର ଶକ୍ତି ବିଭାଗର ପୂର୍ବତନ ପ୍ରମୁଖ ସଚିବ ସଞ୍ଜୀବ ହଂସଙ୍କ ସହ ସଂଶ୍ଲିଷ୍ଟ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ । ଆୟ ବର୍ହିଭୂତ ଅଭିଯୋଗ ନେଇ ସ୍ୱତନ୍ତ୍ର ଭିଜିଲାନ୍ସ ୟୁନିଟ୍ ପକ୍ଷରୁ ଆଗତ ହୋଇଥିବା ମାମଲା ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସେମାନଙ୍କ ବିରୁଦ୍ଧରେ ଆର୍ଥିକ ହେରଫେର ମାମଲା ରୁଜୁ କରି ତଦନ୍ତ କରୁଛି ।

## ଜେକେ-ଅସ୍ଥାୟୀ ବାଚସ୍ପତି

ଜାମ୍ମୁକାଶ୍ମୀର ବିଧାନସଭାର ଅସ୍ଥାୟୀ ବାଚସ୍ପତି ଭାବେ ନ୍ୟାସନାଲ କନ୍‌ଫରେନ୍ସର ବରିଷ୍ଠ ନେତା ମୁବାରକ ଗୁଲ୍ ଆଜି ଶପଥ ନେଇଛନ୍ତି । ଉପରାଜ୍ୟପାଳ ମନୋଜ ସିହ୍ନା ଶ୍ରୀନଗରସ୍ଥିତ ରାଜଭବନରେ ଏକ ସମାରୋହରେ ଶ୍ରୀ ଗୁଲ୍‌ଙ୍କୁ ଶପଥପାଠ କରାଇଛନ୍ତି । ଶ୍ରୀନଗରର ଇଦ୍‌ଗାହ ନିର୍ବାଚନ ମଣ୍ଡଳୀରୁ ଶ୍ରୀ ଗୁଲ୍ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ଉପମୁଖ୍ୟମନ୍ତ୍ରୀ ସୁରେନ୍ଦର ଚୌଧୁରୀଙ୍କ ସମେତ କ୍ୟାବିନେଟ୍‌ର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ଶ୍ରୀ ଗୁଲ୍ ଆସନ୍ତାକାଲି ଜାମ୍ମୁ-କାଶ୍ମୀର ବିଧାନସଭାର ନବନିର୍ବାଚିତ ସଦସ୍ୟଙ୍କୁ ଶପଥପାଠ କରାଇବେ ।

## ବିହାର-ଆକ୍ସିଡେଣ୍ଟ

ବିହାରର ବାଲ୍‌କା ଜିଲ୍ଲାରେ ଗତକାଲି ସଂଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ୬ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୧୦ଜଣ ଆହତ ହୋଇଛନ୍ତି । ପୋଲିସ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଫୁଲିଦୁମାର ଥାନା ଅନ୍ତର୍ଗତ ନାଗରଡିହ ଅଞ୍ଚଳରେ ଗୋଟିଏ ଟ୍ରକ୍ ଏବଂ ଯାତ୍ରୀବାହୀ ଗାଡ଼ି ମଧ୍ୟରେ ଧକ୍କା ହେବାରୁ ଏହି ଦୁର୍ଘଟଣା ଘଟିଛି । ସୁଲତାନଗଞ୍ଜାରୁ ପବିତ୍ର ଗଙ୍ଗାଜଳ ସଂଗ୍ରହ କରି ଯାତ୍ରୀବାହୀ ବସ୍‌ରେ ତୀର୍ଥଯାତ୍ରୀମାନେ ଜ୍ୟେଷ୍ଠ ଗୌରନାଥ ମନ୍ଦିର ଅଭିମୁଖେ ଯାଉଥିଲେ । ଆହତଙ୍କୁ ଭାଗଲପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ।

## ଉଗାଣ୍ଡା-ଏମ୍‌ପକ୍ସ

ଉଗାଣ୍ଡାରେ ଆଉ ଅଣଚାଶଟି ନୂଆ ଏମ୍-ପକ୍ସ ସମ୍ପର୍କିତ ରୋଗୀ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୧୪୫ରେ ପହଞ୍ଚିଛି । ସେଠାକାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଉଗାଣ୍ଡାର ରାଜଧାନୀ କାମ୍ପାଲାରେ ୨୭ଟି ନୂତନ ରୋଗୀଙ୍କୁ ଚିହ୍ନଟ କରାଯାଇଛି । ତେବେ ଏପର୍ଯ୍ୟନ୍ତ ପ୍ରଭାବିତ ୧୯ଟି ଜିଲ୍ଲାରେ କାହାର ମୃତ୍ୟୁ ହୋଇନଥିବା ଜଣାପଡିଛି । ଉଗାଣ୍ଡାରେ ଏଭଳି ପରିସ୍ଥିତିର ମୁକାବିଲ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ

ସଂଗଠନ ସହାୟତା ପ୍ରଦାନ କରୁଛି ବୋଲି ଉଗାଣ୍ଡାସ୍ଥିତ ଡବ୍ଲ୍ୟୁଏଚ୍‌ଓ କାର୍ଯ୍ୟାଳୟ ସୂଚନା ଦେଇଛି ।

## ନିର୍ମଳା-ମେକ୍ସିକୋ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଭାରତ ଓ ମେକ୍ସିକୋ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ବ୍ୟାପକ ସୁଯୋଗ ରହିଛି । ମେକ୍ସିକୋ ସିଟିରେ ଉଭୟ ଦେଶର ବାଣିଜ୍ୟ ଓ ନିବେଶ ଶିଖର ସମ୍ମିଳନୀରେ ଯୋଗଦେଇ ଅର୍ଥମନ୍ତ୍ରୀ ଏହା କହିଛନ୍ତି । ଦ୍ୱିପାକ୍ଷିକ ଅର୍ଥନୈତିକ ସହଯୋଗ ଉପରେ ଅର୍ଥମନ୍ତ୍ରୀ ଗୁରୁତ୍ୱପ୍ରଦାନ କରିଛନ୍ତି । ଔଷଧ, ନିର୍ମାଣ ଏବଂ ଅଟୋମୋଟିଭ କ୍ଷେତ୍ରରେ ଅଭିବୃଦ୍ଧି ଓ ପୁଞ୍ଜିନିବେଶ ପାଇଁ ଭାରତରେ ପ୍ରଚୁର ସୁଯୋଗ ରହିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ୟୁପିଆଇ ଭଳି ଡିଜିଟାଲ ଦେଣନେଣ ପଦକ୍ଷେପ ସହିତ ଫିନ୍‌ଟେକ କ୍ଷେତ୍ରରେ ୮୭ ପ୍ରତିଶତ ଅଂଶଗ୍ରହଣ ବିଶ୍ୱରେ ଡିଜିଟାଲ ଅର୍ଥନୀତି କ୍ଷେତ୍ରରେ ଭାରତର ଅଗ୍ରଣୀ ଭୂମିକାକୁ ପ୍ରତିପାଦିତ କରୁଛି । ଭାରତ-ମେକ୍ସିକୋ ଭାଗିଦାରୀ ଫିନ୍‌ଟେକ୍ ଏବଂ ଡିଜିଟାଲ ପେମେଣ୍ଟରେ ସୀମାପାର ସହଯୋଗ ଓ ଅଭିନବତା ପାଇଁ ବ୍ୟାପକ କ୍ଷେତ୍ର ପ୍ରଦାନ କରିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ଏହି ସମ୍ମିଳନୀରେ ମେକ୍ସିକୋର ଅର୍ଥନୈତିକ ବିକାଶ ମନ୍ତ୍ରୀ ମନୋଲା ଜାବୋଲ୍‌ଜା ଅଲ୍‌ଦାମା ଅଂଶଗ୍ରହଣ କରିଥିଲେ ।

# ଇଣ୍ଡିଆ ବ୍ଲକ ଝାଡ଼ଖଣ୍ଡ ପୋଲ୍ସ

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଇଣ୍ଡିମେଣ୍ଟର ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଆସନ ବୁଝାମଣା ନେଇ ଆଲୋଚନା ହୋଇଛି । କଂଗ୍ରେସ, ରାଷ୍ଟ୍ରୀୟ ଜନତା ଦଳ ଏବଂ ସିପିଆଇ(ଏମ୍ଏଲ୍) ସହ ମିଶି ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ନିର୍ବାଚନ ଲଢ଼ିବ ବୋଲି ଘୋଷଣା କରିଛି । କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଆଜି ରାଞ୍ଚି ଗସ୍ତରେ ଯାଇ ଆସନ ବୁଝାମଣା ନେଇ ମେଣ୍ଟର ଅନ୍ୟଦଳଗୁଡ଼ିକ ସହ ଆଲୋଚନା କରିବେ । ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର କାର୍ଯ୍ୟକାରୀ ସଭାପତି ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏବଂ ଆର୍‌ଜେଡିର ବରିଷ୍ଠ ନେତା ତେଜସ୍ୱୀ ପ୍ରସାଦ ଯାଦବଙ୍କ ସହ ଶ୍ରୀ ଗାନ୍ଧୀ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ଅନ୍ୟପକ୍ଷରେ ଏନ୍‌ଡିଏ ମେଣ୍ଟଦଳଗୁଡ଼ିକ ମଧ୍ୟରେ ଆସନ ବୁଝାମଣା ଚୂଡାନ୍ତ ହୋଇଛି । ବିଜେପି ୬୮ଟି ଆସନରେ ନିର୍ବାଚନ ଲଢ଼ିବ । ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟ୍ସ ୟୁନିୟନ ପାର୍ଟି ୧୦ଟି ଆସନରେ, ଜନତା ଦଳ ୟୁନାଇଟେଡ୍ ୨ଟି ଆସନରେ ଏବଂ ଚିରାଗ ପାଶୱାନଙ୍କ ନେତୃତ୍ୱାଧୀନ ଏଲ୍‌ଜେପି ଗୋଟିଏ ଆସନରେ ପ୍ରାର୍ଥୀ ଦେବ ।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଗତକାଲିଠାରୁ ଆରମ୍ଭ ହୋଇସାରିଛି । ପ୍ରଥମ ଦିନରେ ୩ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏହି ପର୍ଯ୍ୟାୟରେ ଆସନ୍ତା ମାସ ୧୩ ତାରିଖରେ ୪୩ଟି ବିଧାନସଭା ଆସନ ପାଇଁ ମତଗ୍ରହଣ କରାଯିବ ।

ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ମାସ ୨୦ ତାରିଖରେ ୩୮ଟି ବିଧାନସଭା ମଣ୍ଡଳୀ ପାଇଁ ମତ ନିଆଯିବ । ୨୩ ତାରିଖରେ ଭୋଟ୍‌ଗଣତି ସହ ଫଳାଫଳ ଘୋଷଣା କରାଯିବ ।

## ହକି

ମାଲେସିଆଠାରେ ଚାଲିଥିବା ସୁଲତାନ ଅଫ୍ ଜୋହର କପ୍‌ର ଦ୍ୱାଦଶ ସଂସ୍କରଣରେ ଆଜି ଭାରତର ଜୁନିୟର ପୁରୁଷ ଦଳ ତା'ର ପ୍ରଥମ ମ୍ୟାଚ୍ ଖେଳୁଛି । ଭାରତୀୟ ସମୟ ଅପରାହ୍ଣ ଗୋଟାଏ ୩୫ରୁ ଭାରତ-ଜାପାନ ମଧ୍ୟରେ ମ୍ୟାଚ୍ ଚାଲିଛି । ପି.ଆର୍. ଶ୍ରୀଜେଶ ଭାରତୀୟ ଜୁନିଅର ପୁରୁଷ ହକି ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱରେ ଅଛନ୍ତି । ଆସନ୍ତା ୨୦ ତାରିଖରେ ଭାରତ ଗ୍ରେଟ୍ ବ୍ରିଟେନ୍, ୨୨ ତାରିଖରେ ମାଲେସିଆ ଏବଂ ୨୩ ତାରିଖରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ । ଗ୍ରୁପ୍ ପର୍ଯ୍ୟାୟର ଶେଷ ମ୍ୟାଚ୍‌ରେ ଆସନ୍ତା ୨୫ ତାରିଖରେ ଭାରତ-ନ୍ୟୁଜିଲାଣ୍ଡ ମୁକାବିଲା ହେବ । ସୂଚନାଯୋଗ୍ୟ ୨୦୧୧ ମସିହାରୁ ଆରମ୍ଭ ହୋଇଥିବା ସୁଲତାନ ଅଫ୍ ଜୋହର କପ୍ ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ ଭାରତ ଓ ଗ୍ରେଟ୍‌ବ୍ରିଟେନ୍ ପ୍ରଥମ ଦଳ ଭାବେ ୩ଥର ଲେଖାଏଁ ଟାଇଟଲ ଜିତିଛନ୍ତି ।

## ଆର୍ଚେରୀ ୱାର୍ଲ୍ଡକପ୍ ଫାଇନାଲ

ତୀରନ୍ଦାଜ ବିଶ୍ୱକପ୍ ଫାଇନାଲ ୨୦୨୪ ଆଜିଠାରୁ ମେକ୍ସିକୋରେ ଆରମ୍ଭ ହେଉଛି । ଭାରତ ପକ୍ଷରୁ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣପଦକ ବିଜେତା ଜ୍ୟୋତି ସୁରେଖା ଭେନମ୍ ଏବଂ ଅଲମ୍ପିକ ଖେଳାଳି ଦୀପିକା କୁମାରୀ, ଧୀରଜ ବୋମାଦେବରା, ପ୍ରିୟାଂଶ ଓ ପ୍ରଥମେଶ ଫୁଗେ ଏହି ପ୍ରତିଯୋଗିତାରେ ଭାଗ ନେଉଛନ୍ତି । ପୁରୁଷ କମ୍ପାଉଣ୍ଡ ବ୍ୟକ୍ତିଗତ ପ୍ରତିଯୋଗିତାର ଆଜି ଭାରତୀୟ ସମୟ ରାତି ସାଢ଼େ ୯ଟାରେ ଆରମ୍ଭ ହେବ । ଏହି ଟୁର୍ଣ୍ଣାମେଣ୍ଟରେ ୩୨ଜଣ ଏଲିଟ୍ ବର୍ଗରେ ଭାଗ ନେବା ସହିତ ରିକର୍ଭ ପୁରୁଷ, ରିକର୍ଭ ମହିଳା, କମ୍ପାଉଣ୍ଡ ପୁରୁଷ ଓ କମ୍ପାଉଣ୍ଡ ମହିଳା ବର୍ଗରେ ୮ଜଣ ଲେଖାଏଁ ଅଂଶଗ୍ରହଣ କରୁଛନ୍ତି ।

## ୱିମେନ୍ସ କ୍ରିକେଟ୍

ଆଇସିସି ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଟାଇଟଲ ହାସଲ ପାଇଁ ଆସନ୍ତାକାଲି ନ୍ୟୁଜିଲ୍ୟାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ । ଦୁବାଇରେ ଭାରତୀୟ ସମୟ ସଂଧ୍ୟା ସାଢ଼େ ୭ଟାରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।

ଦ୍ୱିତୀୟ ସେମିଫାଇନାଲ୍‌ରେ ଗତକାଲି ନ୍ୟୁଜିଲ୍ୟାଣ୍ଡ’ ୱେଷ୍ଟଇଣ୍ଡିଜ୍‌କୁ ୮ ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି

ନେଇ ନ୍ୟୁଜିଲ୍ୟାଣ୍ଡ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ଓ୍ୱିକେଟ୍ ହରାଇ ୧୨୮ ରନ୍ କରିଥିଲା । ଦଳ ପକ୍ଷରୁ ଜର୍ଜିଆ ପ୍ଲିମର ସର୍ବାଧିକ ୩୩ ରନ୍ କରିଥିଲେ । ଓ୍ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଡିନ୍ଦ୍ରା ଡଟିନ୍ ୪ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ । ୧୨୯ ରନ୍‌ର ବିଜୟଲକ୍ଷ୍ୟ ପିଛା କରି ଓ୍ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ଓ୍ୱିକେଟ୍ ହରାଇ ୧୨୦ ରନ୍ କରିଥିଲା । ଦଳ ପକ୍ଷରୁ ଡିନ୍ଦ୍ରା ୩୩ ରନ୍ କରିଥିଲେ । ନ୍ୟୁଜିଲ୍ୟାଣ୍ଡର ଇଡେନ୍ କାର୍ସନ ୩ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ ।

## କ୍ରିକେଟ୍

ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଚାଲିଥିବା ପ୍ରଥମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ର ଦ୍ୱିତୀୟ ଇନିଂସରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ଆଜି ଚତୁର୍ଥ ଦିନ ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହୋଇଛି । ଗତକାଲିର ସ୍କୋର ୩ ଓ୍ୱିକେଟ୍‌ରେ ୨୩୧ ରନ୍‌ରୁ ଭାରତ ବ୍ୟାଟିଂ ଆରମ୍ଭ କରିଥିଲା । ବର୍ଷା ହେବାବେଳକୁ ଭାରତ ୩ ଓ୍ୱିକେଟ୍‌ରେ ୩୪୪ ରନ୍ ସଂଗ୍ରହ କରିଥିଲା । ସରଫରାଜ ଖାଁ ୧୨୫ରନ୍ ଏବଂ ରିଷଭ ପନ୍ତ ୫୩ ରନ୍ କରି କ୍ରିଜ୍‌ରେ ଅପରାଜିତ ଅଛନ୍ତି ।